To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

୧୬ ବର୍ଷର ସୌରଭ ଚୌଧୁରୀ
ଏସିଆଇ ଏୟରଗନ
ପ୍ରତିଯୋଗିତାରେ ଜିତିଲେ ସ୍ୱର୍ଣ୍ଣ



R.N.I. No.-42041/83 Vol-16, Issue No.131, ଭଦ୍ରକ, ଶୁକ୍ରବାର, ୯, ନଭେମ୍ବର ୨୦୧୮ ■ Bhadrak Friday, 9 November 2018 Rs. 2.00 Pages-8

### କଦଳୀ ଗଛ ଖାଇବାକୁ ଦେବା ମହଙ୍ଗା ପଡ଼ିଲା
## ଯୁବକଙ୍କୁ କଚାଡ଼ି ମାରିଲା ଯଶୋଦା



ଅନୁଗୁଳ,୮।୧୧ (ସକାଳ ଖବର): ଅନୁଗୁଳ ଜିଲ୍ଲା ସାତକୋଶିଆରେ କୁମକୀ ହାତୀ ଯୋଶଦାର ପାଖକୁ ଯାଇ ଖାଇବାକୁ କଦଳୀ ଗଛ ଦେଲାବେଳେ ହାତୀଟି ଯୁବକକୁ ଆକ୍ରମଣ କରିଥିବା କହିଛନ୍ତି ଜିଲ୍ଲା ବନ ଅଧିକାରୀ । ଆକ୍ରମଣରେ ମୃତ୍ୟୁବରଣ କରିଥିବା ସହଯୋଗୀ ମାହୁନ୍ତ ନୁହେଁ ବରଂ ଜଣେ ସ୍ଥାନୀୟ ଯୁବକ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏହି ଘଟଣାରେ ସେ ସବିଶେଷ ତଥ୍ୟ ଦେଇ କହିଛନ୍ତି ଯେ ଆଜି ପୁରୁଣାକୋଟ ରେଞ୍ଜ ପରିସରରେ ହାତୀ ଯୋଶଦା ବନ୍ଧା ହୋଇ ରହିଥିଲା । ସ୍ଥାନୀୟ ମାଟିଆ ସାହୀର ସୁଦୁର ପ୍ରଧାନ ହାତୀଟିର ପାଖକୁ ଯାଇ କଦଳୀ ଗଛ ଖାଇବାକୁ ଯାଚିଥିଲା । ପାଖକୁ ଯିବାକୁ ବାରଣ ଥିଲେ ମଧ ସଂପୃକ୍ତ ଯୁବକ କଦଳୀ ଗଛ ଦେଇଥିଲା । ଏହି ସମୟରେ ହାତୀଟି ତାଙ୍କୁ ଆକ୍ରମଣ କରିଥିଲା । ହାତୀଟି ଗଛ ସହ ସୁଦୁରକୁ ଭିଡିନେଇ ଶୁଣ୍ଢରେ କଚାଡି ଦେଇଥିଲା । ଘଟଣାସ୍ଥଳରେ ହିଁ ସୁଦୁରଙ୍କ ପ୍ରାଣବାୟୁ ଉଡିଯାଇଥିଲା । ଅନ୍ୟପକ୍ଷରେ ମୃତ ସୁଦୁରଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଞ୍ଜୁରି ଦିଆଯାଇଥିବା ଡିଏଫଓ କହିଛନ୍ତି । ପ୍ରକାଶ ଥାଉକି, ଅନୁଗୁଳରେ ଆତଙ୍କ ସୃଷ୍ଟି କରିଥିବା ବାଘୁଣି ସୁନ୍ଦରୀକୁ ଧରିବା ପାଇଁ ହାତୀ ଯୋଶଦାର ସାହାଯ୍ୟ ଲୋଡାଯାଇଥିଲା । ସୁନ୍ଦରୀକୁ ଟ୍ରାଙ୍କୁଲାଏଜ୍ କରିବା ପାଇଁ ଚନ୍ଦକା ଜଙ୍ଗଲରୁ କମୁକୀ ହାତୀ ଯୋଶଦାକୁ ସାତକୋଶିଆକୁ ଅଣାଯାଇଥିଲା ।

# ନକ୍ସଲଙ୍କ ଟାର୍ଗେଟ୍‌ରେ ଯାତ୍ରୀବାହୀ ବସ୍
## ଜଣେ ଯବାନଙ୍କ ସମେତ ୫ ମୃତ



ରାୟପୁର, ୮।୧୧ : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ଦନ୍ତେୱାଡ଼ା ଜିଲ୍ଲା ବଚେଲି ଥାନା ଅନ୍ତର୍ଗତ ଆକାଶନଗର ଠାରେ ଏକ ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣରେ ଜଣେ ସିଆଇଏସଏଫ ଯବାନଙ୍କ ସମେତ ୫ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି । ସେମାନଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ବଚେଲି ମେଡିକାଲ ଏବଂ ପରେ ଅବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ରାୟପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ମୃତାହତ ମାନଙ୍କ ପରିଚୟ ମିଳିପାରିନାହିଁ । ପୋଲିସ ପକ୍ଷରୁ ଶବ ଚିହ୍ନଟ ପ୍ରକ୍ରିୟା ଜାରୀ ରହିଛି । ସୂଚନା ଅନୁଯାୟୀ, ୧୦ ଜଣ ଯବାନ ଆଜି ପୂର୍ବାହ୍ନରେ କିଛି ସାମଗ୍ରୀ କିଣିବା ନିମନ୍ତେ ଆକାଶନଗର ହାଟକୁ ଏକ ଯାତ୍ରୀବାହି ବସ୍ ଯୋଗେ ଆସୁଥିବା ବେଳେ ମାଓବାଦୀ ମାନେ ସେମାନଙ୍କୁ ଟାର୍ଗେଟ୍ କରି ରାସ୍ତାରେ ଲ୍ୟାଣ୍ଡମାଇନ୍ ବିଛାଇ ବିସ୍ଫୋରଣ ଘଟାଇଥିଲେ । ବିସ୍ଫୋରଣରେ ବସ୍ ଟି ଧ୍ୱଂସ ହୋଇଯାଇଥିଲା । ମୃତକ ତିନି ଜଣ ସାଧାରଣ ନାଗରିକ ସ୍ଥାନୀୟ ଅଂଚଳର ବୋଲି କୁହାଯାଉଛି । କିନ୍ତୁ ସେମାନଙ୍କର ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ । ପୋଲିସ ପକ୍ଷରୁ ଶବ ଚିହ୍ନଟ ପ୍ରକ୍ରିୟା ଜାରୀ ରହିଛି । ପ୍ରକାଶ ଥାଉ କି, ବସ୍ ରେ ଯବାନମାନଙ୍କୁ (ପୃଷ୍ଠା-୭)

### ପୁରୁଷ ବିଶ୍ୱ କପ୍ ହକି
## ଭାରତୀୟ ଟିମରେ ସ୍ଥାନ ପାଇଲେ ୨ ଓଡ଼ିଆ ଖେଳାଳୀ



ଭୁବନେଶ୍ୱର, ୮।୧୧ (ସକାଳ ଖବର): ଆସନ୍ତା ୨୮ ତାରିଖରେ କଳିଙ୍ଗ ଷ୍ଟାଡିୟମଠାରେ ଆରମ୍ଭ ହେବାକୁ ଯାଉଥିବା ପୁରୁଷ ବିଶ୍ୱ ହକି କପରେ ଖେଳିବା ପାଇଁ ମନୋନୀତ ହୋଇଥିବା ୧୮ ଜଣଙ୍କ ମଧ୍ୟରେ ଦୁଇଜଣ ଓଡ଼ିଆ ଖେଳାଳୀଙ୍କୁ ସାମିଲ କରାଯାଇଛି । ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା ଏବଂ ଅମିତ ରୋହିଦାସ । ମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଭାରତୀୟ ଟିମ୍ ପଡିଆକୁ ଓହ୍ଲାଇବ। ସେହିପରି ଚିଙ୍ଗଲେସନା ସିଂ କାଙ୍ଗୁଜାମ ଦଳର ଉପ-ଅଧିନାୟକ ଦାୟିତ୍ୱଭାର ଦିଆଯାଇଥିବା ବେଳେ ଭାରତୀୟ ଦଳର ଡିଫେନ୍ସ ଭାର ତୁଲାଇବେ ସୁରେନ୍ଦ୍ର କୁମାର ଏବଂ ଓଡ଼ିଆ ପୁଅ ଅମିତ୍ ରୋହିଦାସ । ଏହାସହ ଡ୍ରାଗଫ୍ଲିକର୍ସରେ ପାରଙ୍ଗମଥିବା ଭାରତୀୟ ଦଳର ଯୁବ ତାରକା ଖେଳାଳୀ କୋଠାଜିତ୍ ସିଂ, ହରମନପ୍ରିତ୍ ସିଂ ଏବଂ ବରୁଣ କୁମାରଙ୍କୁ ସ୍ଥାନ ମିଳିଛି । ଫରୱାର୍ଡରେ ଆକାଶଦୀପ ସିଂ, ଦିଲପ୍ରୀତ ସିଂ , ଲଳିତ୍ ଉପାଧେୟ ଏବଂ ମନ୍ଦୀପ ସିଂଙ୍କ ସହ ସିମ୍ରନଜିତ୍ ସିଂଙ୍କ ଭଳି ଅଭିଜ୍ଞ ଖେଳାଳୀ । ମିଡଫିଲ୍ଡର ଦାୟିତ୍ୱ ସମ୍ଭାଳିବେ ଅଧିନାୟକ ମନପ୍ରୀତ ସିଂ, ଚିଙ୍ଗଲେସନା ସିଂ କାଙ୍ଗୁଜାମ, ନୀଳକଣ୍ଠ ଶର୍ମା ଏବଂ ହାର୍ଦ୍ଦିକ ସିଂ।

## ମାଓ ସନ୍ଦେହରେ ଯୁବକକୁ ପୋଲିସରେ ଜିମା ଦେଲେ ଗ୍ରାମବାସୀ

ଭୁବନେଶ୍ୱର, ୮।୧୧ (ସକାଳ ଖବର): ମାଓ ସନ୍ଦେହରେ ଦେଉଳିଗ୍ରାମବାସୀ ଜଣେ ବ୍ୟକ୍ତିକୁ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି । ଖବର ନେବାରୁ ଜଣାଯାଇଛି ଯେ, ଧରାଯାଇଥିବା ବ୍ୟକ୍ତି ଜଣକ ବହୁଳ ପରିମାଣରେ ଚୂଡ଼ା ଓ ବିସ୍କୁଟ ଗାଁ ହାଟରୁ କିଣୁଥିଲା ବେଳେ ସାଧାରଣ ଲୋକଙ୍କର ତା ଉପରେ ସନ୍ଦେହ ହୋଇଥିଲା । ତାକୁ ଧରି ବେଗୁନିଆ ଥାନାରେ ହସ୍ତାନ୍ତର କରିଥିଲେ । ଏ ସମ୍ପର୍କରେ ଏସପିଙ୍କୁ ଖବର ଦିଆଯିବା ପରେ ସେ ଘଟଣାସ୍ଥଳରେ ପହଂଚି ଅନୁଧ୍ୟାନ ଆରମ୍ଭ କରିଛନ୍ତି ।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ଗୁଳି କରି ହତ୍ୟା

ମାଲକାନଗିରି,୮।୧୧ (ସକାଳ ଖବର): ପୋଲିସ ଇନଫର୍ମର ସନ୍ଦେହରେ ସରପଂଚଙ୍କ ସ୍ୱାମୀଙ୍କୁ ଗୁଳି କରି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛନ୍ତି ମାଓବାଦୀ । ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ସୁକମା ଜିଲ୍ଲା ବଡକୋ ପଚାଂୟତରେ । ମୃତକ ହେଲେ ପୂର୍ବତନ ସରପଂଚ ତଥା ସିପିଆଇ ନେତା କଲମୁ ଧୁରୁବା (୪୫) । ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ମାଓବାଦୀ ମାନେ ତାଙ୍କୁ ଘରୁ (ପୃଷ୍ଠା-୭)

## ନୂଆ ଦଳ ଗଢ଼ିବେ ଦାମ

ଭୁବନେଶ୍ୱର,୮।୧୧ (ସକାଳ ଖବର): ବିଜେଡିରୁ ବହିଷ୍କୃତ ହୋଇଥିବା ବରିଷ୍ଠ ନେତା ଡା. ଦାମୋଦର ରାଉତ ଏକ ନୂଆ ଆଂଚଳିକ ଦଳ ଗଠନ କରିବାପାଇଁ ପରିକଳ୍ପନା କରିଛନ୍ତି। ଆସନ୍ତା ୯ ବା ୧୦ ତାରିଖରେ ଏସମ୍ପର୍କରେ ଆଲୋଚନା କରାଯିବା ବିଜୁ ବାବୁଙ୍କ ନାମରେ ଏହି ଦଳର ନାମକରଣ କରାଯିବ ବୋଲି ସେ କହିଛନ୍ତି। ଦିପାବଳୀ ଅବସରରେ ନୂଆ ଦଳ ଗଢିବା ନେଇ ଡା. ରାଉତ କହିଥିଲେ ଯେ ବିଜୁଙ୍କ ଆଦର୍ଶ ବାହାରେ କାମ କରୁଥିବା ଗୋଷ୍ଠୀଙ୍କୁ ପ୍ରତିହତ କରିବା ପାଇଁ ଏହି ଦଳ କାମ କରିବ। ବିଜୁ ବାବୁଙ୍କ ନାଁରେ ଦଳ ଗଠନ ପାଇଁ ସେ ପ୍ରସ୍ତାବ ଦେବେ। ଆସନ୍ତା ୯ ବା ୧୦ ତାରିଖରେ ଏନେଇ ଏକ ବୈଠକ ବସିବ। ଏହାପରେ ୧୨ ତାରିଖ ସୁଦ୍ଧା ଦଳ ଗଠନ ନେଇ ସ୍ପଷ୍ଟ ଚିତ୍ର ମିଳିବ। ଅନ୍ୟପଟେ ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଦଳରେ ସାମିଲ ପାଇଁ ଡା. ରାଉତ ଆଗ୍ରହ ପ୍ରକାଶ କରିଛନ୍ତି ।

## ବନ୍ଧୁକ ମୁନରେ ଲୁଟିନେଲେ ୬୦ ଲକ୍ଷ ଟଙ୍କା

ଖୋର୍ଦ୍ଧା, ୮।୧୧ (ସକାଳ ଖବର): ଦିନ ଦ୍ୱିପ୍ରହରେ ଖୋରଧା ଜିଲ୍ଲା ବେଗୁନିଆ ଥାନା ଗେଡ଼ିଆ ପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ପାଇକରାପୁର ପ୍ରାଥମିକ ବିଦ୍ୟାଳୟ ଆଗରୁ ୬ଜଣ ଦୁର୍ବୃତ ୨ଜଣ ଅର୍ଥ ଲଗାଣକାରୀ କର୍ମଚାରୀଙ୍କ ଠାରୁ ବନ୍ଧୁକ ଦେଖାଇ ୬୦ ଲକ୍ଷର ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଲାରସନ୍ ଆଣ୍ଡ ଟରବୋ କମ୍ପାନୀର ରେଡ଼ିଆଣ୍ଟ କ୍ୟାସ ମ୍ୟାନେଜମେଣ୍ଟ ସର୍ଭିସ ନାମକ ଏକ ଅର୍ଥଲଗାଣକାରୀ ସଂସ୍ଥା ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହିଛି। ଏହି ସଂସ୍ଥା ମୁଖ୍ୟତଃ ସ୍ୱଂୟ ସହାୟିକା ଗ୍ରୁପ ଋଣ ଦେଇଥାଏ। ଏହାର ଏଜେଣ୍ଟମାନେ ଦେଇଥିବା ଋଣ ଟଙ୍କାକୁ ସଂଗ୍ରହ କରି ପ୍ରତ୍ୟେକ ମାସର ୧୦ ତାରିଖ ସୁଦ୍ଧା ବ୍ୟାଙ୍କରେ ଜମା କରିଥାନ୍ତି। ଏହି ସଂସ୍ଥାର ଲକ୍ଷ୍ମୀନାରୟଣ ଖଟୁଆ ଓ ଶ୍ରୀକାନ୍ତ କୁମାର ସାହୁ ନାମକ ଦୁଇ ଜଣ କର୍ମଚାରୀ ଆଜି ନରସିଂହପୁର, ଖଣ୍ଡପଡ଼ା ଓ କଳାପଥର ଆଦି ଅଞ୍ଚଳରେ ଥିବା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ୬୧ ଲକ୍ଷ ୪୭ ହଜାର ଟଙ୍କା ସଂଗ୍ରହ କରିଥିଲେ। ଅପରାହ୍ନରେ ଏହି ଦୁଇ ଜଣ ଏଜେଣ୍ଟ ଟଙ୍କା ଧରି ବ୍ୟାଙ୍କ ଅଫ୍ (ପୃଷ୍ଠା-୭)

### ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶର ଅବମାନନା
## ବାଣ ଫୁଟାଇବାରୁ ୩୭୦ ଜଣଙ୍କ ବିରୋଧରେ ମାମଲା

ଭୁବନେଶ୍ୱର, ୮।୧୧ (ସକାଳ ଖବର): ଦିପାବଳୀରେ ବାଣ ଫୁଟାଇବାନେଇ ସୁପ୍ରିମ୍ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ଭୁବନେଶ୍ୱର ଓ କଟକରେ ସମୁଦାୟ ୩୭୦ ମାମଲା ରୁଜୁ ହୋଇଛି। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରର ୧୨୬ ଜଣଙ୍କ ସମେତ ମୋଟ ୨୪୦ ଜଣଙ୍କ ଠାରୁ ଲକ୍ଷାଧିକ ଟଙ୍କାର ଜୋରିମାନା ଆଦାୟ କରାଯାଇଛି । ଅବଶିଷ୍ଟ ୧୩୦ ବ୍ୟକ୍ତିଙ୍କ ବିରୋଧରେ ଥିବା ମାମଲା କୋର୍ଟକୁ ଯିବ ବୋଲି କମିଶନରେଟ୍ ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।
ଅନ୍ୟପକ୍ଷରେ ଗତକାଲି ଦୀପାବଳି ପାଳନ ସମୟରେ ବିଭିନ୍ନ ସ୍ଥାନରେ ଅଘଟଣ ଘଟିଥିଲା। ବାଣ ଫୁଟାଇବା ସମୟରେ ପ୍ରାୟ ୮ ଜଣ ଆହତ ହୋଇଥିବା ବେଳେ ପ୍ରାୟ ୧୬ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଭଦ୍ରକରେ ବାଣ ଫୁଟାଇବା ବେଳେ ୨ ଶିଶୁଙ୍କ ସମେତ ୫ ଜଣ , ବାଲିଖଣ୍ଡର ଜଣେ, ବାରିକପୁର ପାଇମୋରାର ଜଣେ. ମଇତାପୁରରେ ଜଣେ ୪ ବର୍ଷର ଶିଶୁ ଏବଂ ଭୁବନେଶ୍ୱରରେ ୩ ଜଣ ଆହତ ହୋଇଛନ୍ତି।
ସେହିପରି ଗତକାଲି ବାଣ ଫୁଟାଉଥିବା ବେଳେ ବନ୍ଧମୁଣ୍ଡା ଡିଜେଲ କଲୋନି ଛକରେ ଭୟାବହ ଅଗ୍ନିକାଣ୍ଡ ଘଟି ଗୋଟିଏ ଘର ସହ ୨ଟି ଦୋକାନ ଘର ସଂପୂର୍ଣ୍ଣ ଜଳି ଯାଇଛି। ପାରାଦୀପରେ ଅଗ୍ନିକାଣ୍ଡ ଘଟି ଭଞ୍ଜ କଲୋନୀରେ ତିନି ବଖରା ଘର ଜଳିଯାଇଛି । ଅପରପକ୍ଷେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଦୀଘି ପଂଚାୟତର କେନ୍ଦୁପା ଗାଁରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୧୦ ବଖରା ଘର ଜଳ ଯାଇଛି।

### ବିଭିନ୍ନ ସ୍ଥାନରେ ଅଘଟଣ
### ୮ ଆହତ, ୧୬ ଘର ଜଳିଗଲା



### ପୁଣି ଭାଇରାଲ ହେଲା
## ଶ୍ରୀମନ୍ଦିର ଭିତର ଫଟୋ
### ଫେସବୁକରେ ପୋଷ୍ଟ କଲେ ଗୁଜୁରାଟର ହିତେଶ



ପୁରୀ,୮।୧୧ (ସକାଳ ଖବର): କଡ଼ା କଟକଣା ଏବଂ ପ୍ରଶାସନର କଡ଼ା ସୁରକ୍ଷା ସତ୍ତ୍ୱେ ବାରମ୍ବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେଉଥିବା ନଜର ଆସୁଛି । ଆଜି ପୁଣି ଥରେ ଶ୍ରୀମନ୍ଦିର ଭିତରେ ଥିବା କୋଇଲି ବୈକୁଣ୍ଠର ଫଟୋ ସୋସିଆଲ୍ ମିଆରେ ଘୁରି ବୁଲୁଛି । ଭାଇରାଲ କରିଛନ୍ତି ଗୁଜୁରାଟର ଜଣେ ପର୍ଯ୍ୟଟକ । ପର୍ଯ୍ୟଟକ ଜଣଙ୍କ ହେଲେ ହିତେଶ ସୁନାନି । ହିତେଶଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ କୋଇଲି ବୈକୁଣ୍ଠର ଫଟୋ ପୋଷ୍ଟ କରାଯାଇଛି । କଡ଼ା ସୁରକ୍ଷା ସତ୍ତ୍ୱେ ସେ ଶ୍ରୀମନ୍ଦିର ଭିତରକୁ ମୋବାଇଲ କେମିତି ନେଲେ ସେ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି । ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ତନାଘନା ଆରମ୍ଭ ହୋଇଥିବା ଜଣାପଡ଼ିଛି । ଏଠାରେ ଉଲ୍ଲେଖ ଯୋଗ୍ୟ, ଗତ କିଛି ଦିନ ତଳେ ଜଣେ ପୋଲିସ ଅଧିକାରୀ ଏବଂ ଦିଲ୍ଲୀର ଜଣେ ମହିଳା ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ କରିଥିଲେ । ତେବେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ ମଧ କରାଯାଇଥିଲା ।



ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ



ହୁଣ୍ଡିର ଆୟ (୫.୧୧.୧୮)
୨,୯୬,୦୧୯

# ମହାମେଣ୍ଟ ପାଇଁ ସହଯୋଗୀ ଖୋଜୁଛନ୍ତି ନାଇଡୁ

- ବେଙ୍ଗାଲୁରୁରେ ଦେବେଗୌଡ଼ା ଓ କୁମାରସ୍ୱାମୀଙ୍କୁ ଭେଟିଲେ
- ୧୯୯୬ରେ ଯେଉଁଭଳି ଘଟିଥିଲା ୨୦୧୯ରେ ସେହି ଇତିହାସର ପୁନରାବୃତ୍ତି ଘଟିବ : କୁମାରସ୍ୱାମୀ



ବେଙ୍ଗାଲୁରୁ, ୮।୧୧: ବିଜେପି ବିରୋଧରେ ମହାଗଠବନ୍ଧନ କରିବାକୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ର ଏନ୍ ଚନ୍ଦ୍ରବାବୁ ନାଇଡୁ ସାଥୀ ଖୋଜିବା ପାଇଁ ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ବୁଲିବାରେ ଲାଗିଛନ୍ତି । ପୂର୍ବରୁ ଦିଲ୍ଲୀରେ ଏନ୍‌ସିପି ନେତା ଶରଦ ପାୱାର, ଏନ୍‌ସି ନେତା ଫାରୁକ ଅବଦୁଲ୍ଲା ଓ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧିଙ୍କୁ ଭେଟିଥିବା ଚନ୍ଦ୍ରବାବୁ ଆଜି ବେଙ୍ଗାଲୁରୁରେ ଯାଇ ପହଞ୍ଚିଛନ୍ତି । ଚନ୍ଦ୍ରବାବୁ ଆଜି ସେଠାରେ ଜେଡିଏସ୍ ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡ଼ା ଓ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ତଥା ଦେବେଗୌଡ଼ାଙ୍କ ପୁଅ ଏଚ୍‌ଡି କୁମାରସ୍ୱାମୀଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଛନ୍ତି । ବୈଠକ ପରେ ଚନ୍ଦ୍ରବାବୁ କହିଛନ୍ତି, ଦେଶର ସମ୍ବିଧାନ ଓ ଗଣତନ୍ତ୍ରକୁ ବିଜେପି ଦାଉରୁ ରକ୍ଷା କରିବାକୁ ହେଲେ ଆସନ୍ତାବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନରେ ସମସ୍ତ ବିରୋଧୀ ଦଳଗୁଡ଼ିକୁ ଏକାଠି ହେବାକୁ ପଡ଼ିବ । ଚନ୍ଦ୍ରବାବୁ ନାଇଡୁ ବେଙ୍ଗାଲୁରୁର ପଦ୍ମନାଭ ନଗରସ୍ଥିତ ଦେବେଗୌଡ଼ାଙ୍କ ବାସଭବନରେ ପହଞ୍ଚିଥିଲେ । ସେଠାରେ ଦେବେଗୌଡ଼ା ବେଶ ରାଜକୀୟ ଢଙ୍ଗରେ ଚନ୍ଦ୍ରବାବୁଙ୍କ ସ୍ୱାଗତ (ପୃଷ୍ଠା-୭)

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick